## ସଂକ୍ଷେପରେ

### ବୃଦ୍ଧ ଦମ୍ପତିଙ୍କୁ ସହାୟତାର ହାତ ବଢ଼ାଇଲା ପ୍ରଶାସନ



ବ୍ରହ୍ମପୁର ଅଫିସ୍,୧୦।୧୨- ଦୀର୍ଘ ୬ ଦିନ ଧରି ବ୍ରହ୍ମପୁର ରେଳ ଷ୍ଟେଶନରେ ଅସହାୟ ଅବସ୍ଥାରେ ଦିନ କାଟୁଥିବା ବୃଦ୍ଧ ଦମ୍ପତିଙ୍କୁ ଜିଲା ପ୍ରଶାସନ ଗୁରୁବାର ସହାୟତାର ହାତ ବଢାଇଛି। ସେ ହେଲେ ସମ୍ବଲପୁର ଜିଲାର ହରିଶ୍ଚନ୍ଦ୍ର ପ୍ରଧାନ, ଯେ କି ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଶାରୀରିକ ଅସୁସ୍ଥତା କାରଣରୁ ସେ ଚାକିରି ଛାଡ଼ି ଦେଇଥିଲେ। ଏହାପରେ ଜମିଜମା ବିବାଦକୁ ନେଇ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏହାପରେ ସେ କୌଣସି ବରିଷ୍ଠ ବ୍ୟକ୍ତିଙ୍କ ପରାମର୍ଶ କ୍ରମେ ସମସ୍ୟା ସମାଧାନ ପାଇଁ ବ୍ରହ୍ମପୁର ସହରକୁ ଆସିଥିଲେ। କିନ୍ତୁ ସେହି ଲୋକ ଏଠାରେ ରହୁ ନ ଥିବା ଜାଣିବା ପରେ ଷ୍ଟେଶନ ବାହାରେ ଖୋଲା ଆକାଶ ତଳେ ନିଜ ସ୍ତ୍ରୀଙ୍କ ସହ ଦିନ କାଟିଥିଲେ। ସ୍ଥାନୀୟ ରେଲ୍‌ୱେ ପୋଲିସ ବୃଦ୍ଧ ଦମ୍ପତିଙ୍କୁ ଘଟଣା ବିଷୟରେ ପଚାରି ବୁଝିଥିଲେ। ଏହାପରେ କିଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢାଇଥିଲେ। ଏ ସମ୍ପର୍କରେ ଖବର ପାଇ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୭୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲାପାଳ ବିନୋଦ କୁମାର ବେହେରାଙ୍କ ଉପସ୍ଥିତିରେ ବୃଦ୍ଧ ହରିଶଚନ୍ଦ୍ରଙ୍କ ଚକ୍ଷୁ ଚିକିତ୍ସା ନିମନ୍ତେ ସୋମପେଟା ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଗାଡ଼ି ଧକ୍କାରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୧୦।୧୨- ଗଜପତିନଗର ଛକରେ ଗୁରୁବାର ସକାଳେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଗଜପତି ନଗରର ରବି ଗନ୍ତାୟତ (୪୫) ବୋଲି ଟ୍ରାଫିକ ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ.୪୨/୨୦ରେ ଏକ ମାମଲା ରୁଜୁ କରିଛି। ରବି ମେଡିକାଲ ପରିସରରେ ଚା' ବିକ୍ରି କରନ୍ତି। ଗୁରୁବାର ସକାଳେ ଘରକୁ ତାଙ୍କ ମୋପେଡ୍ (ନଂ.ଓଡି୦୭ଭି-୪୮୪୬)ରେ ଫେରୁଥିଲେ। ତେବେ ନିଦାନ ଡାଇଗ୍ନୋଷ୍ଟିକ ସେଣ୍ଟର ସମ୍ମୁଖରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ରବିଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ପ୍ରସ୍ତାବରେ ଅଟକିଛି ଫ୍ଲାଏଓଭର, ସର୍ଭିସ୍ ରୋଡ୍

ଛତ୍ରପୁର,୧୦।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦେଇଯାଇଥିବା ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ବଢ଼ିଚାଲିଛି। ଜାତୀୟ ରାଜପଥର ବିଭିନ୍ନ ଛକରେ ଆବଶ୍ୟକ ଫ୍ଲାଏଓଭର, ଓଭର ବ୍ରିଜ୍ , ସର୍ଭିସ ରୋଡ୍, ଆପ୍ରୋଚ୍ ରୋଡ୍ ଏବଂ ଡାଇଭରସନ ନ ଥିବା ଯୋଗୁ ଏପରି ଦୁର୍ଘଟଣା ଘଟିଚାଲିଛି। ନିୟମିତ ଗଞ୍ଜାମ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ବସୁଛି। ଦୁର୍ଘଟଣା କମାଇବା ପାଇଁ ଜିଲାପାଳ ଉକ୍ତ ବୈଠକଗୁଡ଼ିକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି। ହେଲେ ପୂର୍ବରୁ ଥିବା ବ୍ଲାକ୍ ସ୍ପଟ୍ ସେହିଭଳି ରହିଥିବାରୁ ଧନଜୀବନ କ୍ଷତି ହେବାରେ ଲାଗିଛି।

ଗଞ୍ଜାମର ନାରାୟଣୀ ଛକଠାରୁ ଗିରିଶୋଳା ଗେଟ୍ ପର୍ଯ୍ୟନ୍ତ ଜାତୀୟ ରାଜପଥ ରହିଛି। ପୁଇଁତଳାଠାରୁ ଗିରିଶୋଳା ପର୍ଯ୍ୟନ୍ତ ୬ ଲେନ୍ ବିଶିଷ୍ଟ ରାସ୍ତା ପାଇଁ ପଦକ୍ଷେପ ନିଆଯାଇନି। କେବଳ ପୁଇଁତଳାଠାରୁ ନାରାୟଣୀ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ୬ ଲେନ୍ କାମ ଚାଲିଛି। ଦୁର୍ଘଟଣା କମାଇବା ପାଇଁ ପୂର୍ବରୁ ଜିଲାପାଳଙ୍କ ପକ୍ଷରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଏକ ପ୍ରସ୍ତାବ ଦିଆଯାଇଥିଲା। କେତେକ ସ୍ଥାନରେ ଫ୍ଲାଏଓଭର, ଓଭର ବ୍ରିଜ୍, ସର୍ଭିସ ରୋଡ୍ ନିର୍ମାଣ କଲେ ଅନ୍ତତଃ ଦୁର୍ଘଟଣାକୁ କମାଯାଇପାରିବ ବୋଲି କୁହାଯାଇଥିଲା। ଏହାର ଏକ ତାଲିକା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ଏପରିକି ସଡ଼କ ସୁରକ୍ଷା କମିଟି ବୈଠକରେ ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଇନାହାନ୍ତି। ଚମାଖଣ୍ଡି, ଗଞ୍ଜାମ, ରମ୍ଭା, ଖଲ୍ଲିକୋଟ, ଛତ୍ରପୁର, ଗୋପାଳପୁର, ଗୋଳନ୍ଥରା ଥାନା ଅଞ୍ଚଳ ଦେଇଯାଇଥିବା ଜାତୀୟ ରାଜପଥ ନଂ.୧୬ର ଉଜ୍ଜଳେଶ୍ୱରୀ ମନ୍ଦିର ଛକ, ମାଇପାଟଣା ଛକ, ଡିଆରଡିଏ ଛକ, କଲେଜ ଛକ, ପୁଇଁତଳା ଛକ, ସାନଘାଟି, ଜଗନ୍ନାଥପୁର ଛକ, ମାଣ୍ଡିଆପଲ୍ଲୀ ଛକ, ହଳଦିଆପଦର ଛକ, ପାଲୁର ଛକ, କନିଷି ଆଦି ସ୍ଥାନରେ ଦୁର୍ଘଟଣା ନିୟମିତ ଘଟୁଥିବାରୁ ଏଗୁଡିକୁ ପୋଲିସ ପକ୍ଷରୁ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ କରାଯାଇଛି। କରୋନା ଲାଗି ହୋଇଥିବା ଲକ୍‌ଡାଉନ୍ ଓ ଶର୍ଟଡାଉନ୍‌ରେ ମାର୍ଚ୍ଚରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଯାତ୍ରୀବାହୀ ବସ ଓ ଅନ୍ୟ ଗାଡି ଚଳାଚଳ ବନ୍ଦ ରହିଥିଲା। କେବଳ ମାଲ ପରିବହନ କରୁଥିବା ଗାଡି ଚାଲୁଥିଲା। ତଥାପି ଦୁର୍ଘଟଣା ସଂଖ୍ୟା ଅଧିକ ରହିଛି।

**୧୬ ନଂ. ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା**

ଗଞ୍ଜାମ ଜିଲାରେ ଚଳିତବର୍ଷ ଜାନୁୟାରୀରୁ ଅକ୍ଟୋବର ପର୍ଯ୍ୟନ୍ତ ୪୭୭ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୨୯୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୭୮ ଜଣ ଗୁରୁତର ଆହତ ହୋଇଥିଲେ। ସେଥିରୁ ଜାତୀୟ ରାଜପଥରେ ଘଟିଥିବା ଦୁର୍ଘଟଣାରେ ୯୭ ଜଣଙ୍କ ଜୀବନ ଯାଇଥିବାବେଳେ ୯୫ ଗୁରୁତର ଆହତ ହୋଇଥିଲେ। ସେହିପରି ରାଜ୍ୟ ଏନ୍‌ଏଚ୍‌ରେ ହୋଇଥିବା ଦୁର୍ଘଟଣାରେ ୪୭ ଜଣଙ୍କ ଜୀବନ ଯାଇଛି। ରାଜ୍ୟ ରାଜପଥରେ ୧୧୫ ଜଣ ଏବଂ ଅନ୍ୟ ରାସ୍ତାରେ ୩୨ ଜଣଙ୍କ ମୃତ୍ୟୁ ହୋଇଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ମାସରେ ପରିବହନ କମିଶନର ଭିଡିଓ କନଫରେନ୍ସ ଜରିଆରେ ସଡକ ସୁରକ୍ଷା ନେଇ ଏକ ବୈଠକ କରିଥିଲେ। ଜାତୀୟ ରାଜପଥ ଓ ଅନ୍ୟ ରାସ୍ତାଗୁଡିକରେ ଦୁର୍ଘଟଣା କିପରି କମିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ।




ଷ୍ଟାଫ୍‌ନର୍ସଙ୍କ ଆନ୍ଦୋଳନକୁ ଭାରତୀୟ ବିକାଶ ପରିଷଦ କର୍ମକର୍ତ୍ତାଙ୍କ ସମର୍ଥନ।

# ତୃତୀୟ ଦିନରେ ଷ୍ଟାଫ୍‌ନର୍ସଙ୍କ ଆନ୍ଦୋଳନ

**ଏସ୍‌ୟୁସିଆଇ, ଭାରତୀୟ ବିକାଶ ପରିଷଦର ସମର୍ଥନ**

ବ୍ରହ୍ମପୁର ଅଫିସ,୧୦।୧୨

ସ୍ଥାୟୀ ନିଯୁକ୍ତି ଦାବିରେ ଏମ୍‌କେସିଜି ଷ୍ଟାଫ୍‌ନର୍ସଙ୍କ ଦ୍ୱାରା ଚାଲିଥିବା ଆନ୍ଦୋଳନ ଗୁରୁବାର ୩ ଦିନରେ ପହଞ୍ଚିଛି। ଗୁରୁବାର ଆନ୍ଦୋଳକୁ ଏସ୍‌ୟୁସିଆଇ ଓ ଭାରତୀୟ ବିକାଶ ପରିଷଦ ସମର୍ଥନ ଜଣାଇଛି। ଏସ୍‌ୟୁସିଆଇ ଜିଲା ସମ୍ପାଦକ ସୋମନାଥ ବେହେରାଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ଧାରଣାସ୍ଥଳକୁ ଯାଇ ଆନ୍ଦୋଳନକୁ ନ୍ୟାୟ ସଙ୍ଗତ ଓ ଯୁକ୍ତିଯୁକ୍ତ କହି ସମର୍ଥନ ଜଣାଇଥିଲେ। କରୋନା ସମୟରେ ଷ୍ଟାଫ୍‌ନର୍ସମାନେ କୋଭିଡ୍ ହସ୍ପିଟାଲରେ ନିଷ୍ଠାପର ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ସରକାର ଏଥିପ୍ରତି ଅଣଦେଖା କରିଥିବା ସଂଘ କହିଛି। ଏଣୁ ଖାଲିଥିବା ପଦବୀଗୁଡ଼ିକରେ ଷ୍ଟାଫ୍ ନର୍ସମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ସଂଘ ଦାବି କରିଛି। ସେହିପରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ନର୍ସମାନଙ୍କର ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ଦାବି ପୂରଣ ନେଇ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଞ୍ଜାମ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ଯଦି ଦାବି ପୂରଣ ନ ହୁଏ ତେବେ ଭାରତୀୟ ବିକାଶ ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ୨ ବିଧାୟକଙ୍କ ଜମି କିଣା ଦୁର୍ନୀତିର ତଦନ୍ତ ଦାବି




ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ମହିଳା ଓ ପୁରୁଷ।

ବ୍ରହ୍ମପୁର ଅଫିସ,୧୦।୧୨

ସୋରଡା ଅଞ୍ଚଳର ଶତାଧିକ ଚାଷୀ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ରଙ୍କୁ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲାର ଦୁଇଜଣ ବିଧାୟକଙ୍କ ନାଁରେ ଜମି କିଣାରେ ଦୁର୍ନୀତି ଅଭିଯୋଗ ଆଣି ସେମାନେ ଭିଜିଲାନ୍ସ ଏସ୍‌ପିଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସର୍ବ ଭାରତୀୟ କିଷାନ ମଜଦୁର ସଭା ସମ୍ପାଦକ ପ୍ରତାପ କୁମାର ନାୟକଙ୍କ ନେତୃତ୍ୱରେ ଗୁରୁବାର ସୋରଡା ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଏସ୍‌ପିଙ୍କୁ ଭେଟିଥିଲେ। ସୋରଡା ତହସିଲ ପାଲକଟା ପଞ୍ଚାୟତ ବଦୁଆପଲ୍ଲୀ ଅଞ୍ଚଳର ପ୍ରାୟ ୫୦ ଏକର ଜମି ସୋରଡା ବିଧାୟକ ହଡପ କରିଛନ୍ତି। ଏପରିକି ବିଧାୟକ ପାଣ୍ଠିରୁ ସେଥିରେ ମାଛ ଚାଷ ପାଇଁ ୭ ପୋଖରୀ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିପରି ସୋରଡା ତହସିଲ ଅମୃତୁଲୁ ରାଜସ୍ୱ ସର୍କଲର ଲବଣେଶ୍ୱର ମୌଜାରେ ଥିବା ବହୁ ଏକର ଜମିକୁ ସେଠାକାର ଆଦିବାସୀମାନେ ଚାଷବାସ କରି ନିଜ ପରିବାର ଭରଣ ପୋଷଣ କରି ଆସୁଥିଲେ। ଉକ୍ତ ଜମିକୁ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସହଯୋଗରେ ବେଆଇନ ଭାବେ ହାତେଇଥିବା ଆଦିବାସୀମାନେ ଅଭିଯୋଗ କରିଛନ୍ତି। ଏନେଇ ଭିଜିଲାନ୍ସ ଏସ୍‌ପି ଅନିଲ କୁମାର ପାତ୍ର କହିଛନ୍ତି, ସୋରଡା ଅଞ୍ଚଳର କେତେଜଣ ଲୋକ ଜିଲାର ୨ ବିଧାୟକ ଜମି କିଣାରେ ଦୁର୍ନୀତି କରିଛନ୍ତି ବୋଲି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଘଟଣାର ତଦନ୍ତ ପାଇଁ ଭିଜିଲାନ୍ସର ଏସ୍‌ଆଇଟିକୁ ଏନେଇ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଟାଟା ମୋଟର୍ସରେ ଚାକରି ଦେବା ନାଁରେ ହୋଇଥିବା ଟଙ୍କା ଠକେଇ ମାମଲାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏବେ ଜେଲରେ ଥିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ସେହିପରି ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଫୋନ କରାଯାଇଥିଲେ ମଧ୍ୟ ତାଙ୍କ ସହ ମଧ୍ୟ ସମ୍ପର୍କ ହୋଇପାରିନାହିଁ।

**ଭିଜିଲାନ୍ସ ଏସ୍‌ପିଙ୍କୁ ଚାଷୀଙ୍କ ସ୍ମାରକପତ୍ର**

## ଏସ୍‌ପିଙ୍କ ଅପରାଧ ସମୀକ୍ଷା

ବ୍ରହ୍ମପୁର ଅଫିସ,୧୦।୧୨

ବ୍ରହ୍ମପୁର ପୋଲିସ ଜିଲା (ଟାଉନ୍ ସବଡିଭିଜନ୍)ର ଅପରାଧ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ୨୦୨୦ବର୍ଷ ଶେଷ ହେବାକୁ ଯାଉଥିବା ବେଳେ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ପେସାଦାର ଅପରାଧୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ଆବଶ୍ୟକସ୍ଥଳେ ସେମାନଙ୍କୁ ଅଟକ ରଖାଯିବା ନେଇ ଆଲୋଚନା ହୋଇଥିଲା। ସେହିପରି ନିର୍ଦ୍ଧାରିତ ସମୟରେ ପୁରୁଣା କେସ୍‌ଗୁଡ଼ିକର ଫଇସଲା କରିବା ଓ ଫେରାର ଅଭିଯୁକ୍ତଙ୍କୁ ଗିରଫ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଣିକି ଥାନାର ସମସ୍ତ ଫାଇଲ୍ କାମ ଓ ରେକର୍ଡ ଖୁବ୍‌ଶୀଘ୍ର ଡିଜିଟାଇଜେଶନ୍ କରି ଅନ୍‌ଲାଇନ୍‌ରେ ସମ୍ପାଦନ କରିବାକୁ ନିଷ୍ପତ୍ତି ହୋଇଛି। ଗୁରୁବାର ସମୀକ୍ଷା ବୈଠକରେ ସମସ୍ତ ତଥ୍ୟ ଓ ମାମଲା ପାୱାର୍ ପଏଣ୍ଟ୍ ପ୍ରେଜେଣ୍ଟେଶନ୍ ଜରିଆରେ ଉପସ୍ଥାପନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ, ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତିଙ୍କ ସମେତ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କ ପାଇଁ ରହିବ ସ୍ୱତନ୍ତ୍ର ବକ୍ସ

ବ୍ରହ୍ମପୁର ଅଫିସ,୧୦।୧୨

ଗଗଞ୍ଜାମ ଓକିଲ ସଂଘ ନିର୍ବାଚନ ଦିନକ ପରେ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଜିଲା ଜଜ୍ କୋର୍ଟରେ ଥିବା ନିର୍ବାଚନ କାର୍ଯ୍ୟାଳୟରେ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଏହି ନିର୍ବାଚନ କିପରି ଶାନ୍ତି ଓ ଶୃଙ୍ଖଳାରେ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା ହୋଇଥିଲା। ପ୍ରଥମ ଥର ପାଇଁ ସଭାପତି, ସମ୍ପାଦକ, ଉପସଭାପତି ଓ ଯୁଗ୍ମ ସମ୍ପାଦକ ପାଇଁ ପୃଥକ ଭାବେ ଏକ ନିର୍ଦ୍ଦିଷ୍ଟ ରଙ୍ଗର ବାଲଟ ବକ୍ସ ରହିବ। ଏହାସହିତ ବିଭିନ୍ନ ପଦ ପାଇଁ ପୃଥକ୍ ରଙ୍ଗର ବାଲଟ ପେପର ରହିବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ସହ ସୁରୁଖୁରୁରେ କରିବା ପାଇଁ ବାର କାଉନ୍‌ସିଲ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ନିର୍ବାଚନ ଅଧିକାରୀ ଗଞ୍ଜାମ ଜିଲା ଦୌରା ଜଜ, ଜିଲାପାଳ, ବ୍ରହ୍ମପୁର ଏସ୍‌ପି ଓ ମହାନଗର ନିଗମ କମିଶନରଙ୍କୁ ଚିଠି ମଧ୍ୟ କରାଯାଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି। ଆସନ୍ତା ୧୨ ତାରିଖ ସକାଳ ୮ଟାରେ ଜିଲା ଜଜ୍ କୋର୍ଟରେ ଓକିଲ ସଂଘ ନିର୍ବାଚନ ଆରମ୍ଭ ହେବ। ଅପରାହ୍ନ ୪ଟା ବେଳେ ନିର୍ବାଚନ ସରିବ ଓ ସନ୍ଧ୍ୟା ୭ଟା ସୁଦ୍ଧା ନିର୍ବାଚନ ଫଳାଫଳ ଘୋଷଣା କରାଯିବା ପାଇଁ ସ୍ଥିର ହୋଇଛି ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ କମିଟି ସଦସ୍ୟ ଶିଶିର ଭୋଳ, ଅରୁଣ ବିଶ୍ୱାଳ, ଜଗନ୍ନାଥ ମିଶ୍ର, ଅନିଲ ପଣ୍ଡା, ପ୍ରଦୀପ ପଣ୍ଡା ଓ ଅଶ୍ୱିନୀ ପାଣିଗ୍ରାହୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**୧୨ରେ ଓକିଲ ସଂଘ ନିର୍ବାଚନ**

# ୩ ବାଲ୍ୟବିବାହ ଯୋଜନା ଭଣ୍ଡୁର

ବ୍ରହ୍ମପୁର ଅଫିସ,୧୦।୧୨

ବାଲ୍ୟ ବିବାହ ଏକ ଆଇନଗତ ଅପରାଧ। ଏନେଇ ବିଭିନ୍ନ ସଂସ୍ଥା ପକ୍ଷରୁ ଲୋକମାନଙ୍କୁ ସଚେତନ କରାଯାଉଛି। ଏହା ସତ୍ତ୍ୱେ ମଧ୍ୟ ଗଞ୍ଜାମ ଜିଲାରେ ବାଲ୍ୟବିବାହ ବନ୍ଦ ହେଉନାହିଁ। ଗୁରୁବାର ଜିଲାର ତିନି ବ୍ଲକରେ ହେବାକୁ ଥିବା ୩ ବାଲ୍ୟବିବାହକୁ ପ୍ରଶାସନ ଓ ଚାଇଲ୍ଡ ଲାଇନ୍ ଭଣ୍ଡୁର କରିଛି। ଏନେଇ ଚାଇଲ୍ଡ ଲାଇନ ସଂଯୋଜକ ସାଇ ପ୍ରସାଦ ସାମଲ ସୂଚନା ଦେଇଛନ୍ତି। କୁକୁଡ଼ାଖଣ୍ଡି ବ୍ଲକର ଗୋଟିଏ ଗାଁରେ ବାଲ୍ୟବିବାହ ହେଉଥିବା ଖବର ପାଇ କୁକୁଡ଼ାଖଣ୍ଡି ତହସିଲଦାର ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଓ ଚାଇଲ୍ଡ ଲାଇନ କର୍ମକର୍ତ୍ତା ସେଠାରେ ପହଞ୍ଚି ଭଣ୍ଡୁର କରିଛନ୍ତି। ସେହିପରି ଶେରଗଡ ଓ ଖଲ୍ଲିକୋଟ ବ୍ଲକରେ ଗୋଟିଏ ଲେଖାଏ ବାଲ୍ୟବିବାହ ଭଣ୍ଡୁର କରାଯାଇଥିବା ନେଇ ଚାଇଲ୍ଡଲାଇନ ସଂଯୋଜକ ସାମଲ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଚାଇଲ୍ଡଲାଇନ ଓ ପ୍ରଶାସନର ମିଳିତ ଉଦ୍ୟମରେ ବାଲ୍ୟବିବାହ ଯୋଜନାଗୁଡିକୁ ଭଣ୍ଡୁର କରାଯାଇଛି। କୁକୁଡ଼ାଖଣ୍ଡି ଅଞ୍ଚଳରୁ ଉଦ୍ଧାର ହୋଇଥିବା ନାବାଳିକାଙ୍କ ମେଡିକାଲ ଟେଷ୍ଟ କରାଯାଇଥିଲା। ଅନ୍ୟପଟେ ଶେରଗଡ଼ ଓ ଖଲ୍ଲିକୋଟ ଅଞ୍ଚଳରେ ବାଲ୍ୟବିବାହ ଭଣ୍ଡୁର ପରେ ସମ୍ପୃକ୍ତ ନାବାଳିକାଙ୍କ ପରିବାର ଝିଅ ବାହାଘର ନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସମ୍ପୃକ୍ତ ନାବାଳିକା ଜଣକ ତାଙ୍କ ପରିବାର ବର୍ଗଙ୍କ ସହିତ ରହିଥିବା ଚାଇଲ୍ଡ ଲାଇନ ସୂଚନା ଦେଇଛି। ଅନ୍ୟପଟେ କୁକୁଡ଼ାଖଣ୍ଡି ଅଞ୍ଚଳରୁ ଉଦ୍ଧାର ନାବାଳିକାଙ୍କୁ ଚାଇଲ୍ଡଲାଇନ ଉଦ୍ଧାର କରି ବ୍ରହ୍ମପୁର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି) ନିକଟରେ ହାଜର କରିଥିବା କହିଛି।

## ନାବାଳିକା ଅପହରଣ ନେଇ ଏତଲା

ଦିଗପହଣ୍ଡି,୧୦।୧୨(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ମା' ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ବସନ୍ତ କୁମାର ସେଠୀ ନଂ. ୨୧୬/୨୦ରେ ମାମଲା ରୁଜୁ କରିଛନ୍ତି। ଗତ ଶୁକ୍ରବାର ସନ୍ଧ୍ୟାରୁ ନାବାଳିକାଙ୍କୁ କେହି ଅପହରଣ କରି ନେଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବାପରେ ସନ୍ଧାନ ନମିଳିବାରୁ ବୁଧବାର ଏତଲା ଦେଇଥିଲେ। ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ କୌଣସି ସୁରାକ ମିଳିପାରିନଥିବା ଆଇଆଇସି ଜଣାଇଛନ୍ତି।

## ଜଣଙ୍କୁ ଉଠାଇନେଲା ମହାରାଷ୍ଟ୍ର ପୋଲିସ

ବ୍ରହ୍ମପୁର ଅଫିସ,୧୦।୧୨

**ଚିଟ୍‌ଫଣ୍ଡ ମାମଲା**

ମହାରାଷ୍ଟ୍ର ପୁଣେର ସିବିସିଆଇଡି ଟିମ୍ ବ୍ରହ୍ମପୁର ଆସିଛି। ଏକ ଅର୍ଥଲଗାଣକାରୀ ସଂସ୍ଥା ଦ୍ୱାରା ଟଙ୍କା ଠକେଇ ଘଟଣାର ତଦନ୍ତ ପାଇଁ ଟିମ୍ ବ୍ରହ୍ମପୁର ଆସିଥିବା ସୂଚନା ମିଳିଛି। ଏହି ଟିମ୍ ଗୁରୁବାର ସଦର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଅଞ୍ଚଳରେ ଚଢ଼ାଉ କରିଥିଲା। ପର୍ଶୁରାମ ରାଓ୍ଵା (୫୪) ନାମକ ଜଣେ ବ୍ୟକ୍ତିଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। ତାଙ୍କୁ ରିମାଣ୍ଡରେ ମହାରାଷ୍ଟ୍ର ନେଇ ଅଧିକ ଜେରା କରାଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ,୨୦୧୪ରେ ମହାରାଷ୍ଟ୍ର ଚାଲିଶଗାଁ ସିଟି ପୋଲିସ ଷ୍ଟେଶନରେ ଟଙ୍କା ଠକେଇ ନେଇ ନଂ.୪୦୦/୧୪ରେ ଏକ ମାମଲା ରୁଜୁ ହୋଇଥିଲା। ଏକ ମାଇକ୍ରୋଫାଇନାନ୍ସ ସଂସ୍ଥା ଜରିଆରେ ବହୁ ଜମାକାରୀଙ୍କ ଟଙ୍କା ଠକେଇ ହୋଇଥିଲା। ଏହି ଘଟଣାର ତଦନ୍ତ ସିବିସିଆଇଡି ହାତକୁ ଯାଇଥିଲା। ସଂସ୍ଥାରେ କାମ କରୁଥିବା ଜଣେ ଏଜେଣ୍ଟ ଗଞ୍ଜାମ ଜିଲାରେ ଲୁଚିଥିବା ଜଣାପଡ଼ିଥିଲା। ସେ ନେଇ ମହାରାଷ୍ଟ୍ର ସିଆଇଡି ଟିମ୍ ବ୍ରହ୍ମପୁର ଆସି ଖୋଳତାଡ଼ ଆରମ୍ଭ କରିଥିଲା। ବୁଧବାର ଏହି ଟିମ୍ ବ୍ରହ୍ମପୁର ଏସ୍‌ପିଙ୍କ ସହିତ ସାକ୍ଷାତ୍ କରି ବିଭିନ୍ନ ଦିଗ ଉପରେ ତଥ୍ୟ ସଂଗ୍ରହ କରିଥିଲା। ଗୁରୁବାର ରାମଚନ୍ଦ୍ରପୁରରେ ଚଢ଼ାଉ କରି ପର୍ଶୁରାମଙ୍କୁ ଉଠାଇ ନେଇଛି। ପର୍ଶୁରାମ ୪ବର୍ଷ ହେଲା ମହାରାଷ୍ଟ୍ର ଛାଡ଼ି ଓଡ଼ିଶା ଚାଲି ଆସି ଏକ ମଦଭାଟିରେ କାମ କରୁଥିଲା ବୋଲି ଜଣାପଡିଛି।

## ଗ୍ରୀନ୍ ଜୋନ୍‌ରେ ରଙ୍ଗେଇଲୁଣ୍ଡା ବ୍ଲକ

ଗୋପାଳପୁର,୧୦।୧୨

ଗଞ୍ଜାମ ଜିଲାରେ କରୋନା ସ୍ଥିତିରେ ବେଶ୍ ସୁଧାର ଆସିଛି। ରଙ୍ଗେଇଲୁଣ୍ଡା ବ୍ଲକର ୩୨ ପଞ୍ଚାୟତର ୧୨୩ଟି ଗ୍ରାମ ବର୍ତ୍ତମାନ ଗ୍ରୀନ୍ ଜୋନ୍‌ରେ ରହିଛି। ଗତ ୩ଦିନ ମଧ୍ୟରେ ଏହି ବ୍ଲକରେ ଗୋଟିଏ ବି ପଜିଟିଭ୍ ଚିହ୍ନଟ ହୋଇ ନ ଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ବର୍ତ୍ତମାନ ବ୍ଲକର ବିଭିନ୍ନ ଗ୍ରାମରେ ଗୁରୁବାର ସୁଦ୍ଧା ୩୩,୭୮୮ କରୋନା ଟେଷ୍ଟ ହୋଇଥିବାବେଳେ ୯୯୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୯୭୫ ଜଣ କରୋନାରୁ ସୁସ୍ଥହୋଇ ଘରକୁ ଫେରିଥିବାବେଳେ ୨୨ ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ବ୍ଲକରେ ବିଭିନ୍ନ ଗ୍ରାମର ୧୦୦ରୁ ୨୦୦ କରୋନା ଟେଷ୍ଟ ଚାଲିଛି। ଆଗାମୀ ୨ରୁ ୩ଦିନ ମଧ୍ୟରେ ଟେଷ୍ଟିଂ ସଂଖ୍ୟା ବୃଦ୍ଧି କରାଯିବ। କରୋନା ଟିକା ଆସିବା ଯାଏ ସମସ୍ତ ଗ୍ରାମରେ ଟେଷ୍ଟିଂ ଜାରି ରହିବ। ବର୍ତ୍ତମାନ ସମସ୍ତ ଗ୍ରାମ ଗ୍ରୀନ୍ ଜୋନ୍‌ରେ ରହିଥିବା ବିଡିଓ କୁମାର ନାଗଭୂଷଣ ସୂଚନା ଦେଇଛନ୍ତି।

# ରୋକାଯାଇପାରୁନି ବାଲ୍ୟବିବାହ

ବ୍ରହ୍ମପୁର ଅଫିସ,୧୦।୧୨

ଗଞ୍ଜାମ ଜିଲା ପ୍ରଶାସନର ସଚେତନତା ସତ୍ତ୍ୱେ ଦିନକୁ ଦିନ ବଢିଚାଲିଛି ବାଲ୍ୟବିବାହ। ୧୮ବର୍ଷ ପୂର୍ବରୁ ବିବାହ କରିବାକୁ ଆଇନ ଅନୁମତି ଦେଇ ନ ଥିଲେ ମଧ୍ୟ ଲୋକମାନେ ବୁଝିବାକୁ ନାରାଜ । ଆଧୁନିକ ମଣିଷ ସେଇ ପୁରୁଣା ପରମ୍ପରାକୁ ଆଜି ବି ଜାବୁଡି ଧରିଛି। ଝିଅକୁ ପରିବାରର ବୋଝ ଭାବି ଯଥାଶୀଘ୍ର ହାତରୁ ଦି ହାତ କରି ଦେବାକୁ ମାତାପିତା ବ୍ୟଗ୍ର ହେଉଛନ୍ତି। ବୟସ ହୋଇ ନ ଥିଲେ ମଧ୍ୟ ବିବାହ ଦେବାକୁ ପଛାଉ ନାହାନ୍ତି ପରିବାର ଲୋକେ।

ଏକ ସପ୍ତାହ ଭିତରେ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକରେ ୩ ବାଲ୍ୟବିବାହ ବନ୍ଦ କରିଛି ପ୍ରଶାସନ । ନାବାଳିକାଙ୍କୁ ଉଦ୍ଧାର କରିବା ସହ ଚାଇଲ୍ଡଲାଇନ୍‌କୁ ପଠାଯାଇଛି। ବିଡ଼ମ୍ବନାର କଥା ବାଲ୍ୟବିବାହ ରୋକିବା ପାଇଁ ପ୍ରଶାସନ ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଥିଲେ ମଧ୍ୟ ଲୋକମାନେ ଏହାକୁ ମାନୁ ନ ଥିବା ଦେଖିବାକୁ ମିଳିଛି।

### ସେମାନେ ଯାହା କୁହନ୍ତି



"ବାଲ୍ୟବିବାହ ଗୋଟିଏ ପୁରୁଣା ପ୍ରଥା। ସରକାର ମଧ୍ୟ ଏହା ବିରୋଧରେ ବହୁ ଆଇନ କରିଛନ୍ତି। ସେହି ଆଇନ ବିଷୟରେ ଲୋକମାନେ କେତେ ଅବଗତ ଅଛନ୍ତି, ସେ ବିଷୟରେ ଜାଣିବାର ଆବଶ୍ୟକତା ରହିଛି। ବାଲ୍ୟବିବାହକୁ ଆମେ ଗୋଟିଏ ଦିନରେ ବନ୍ଦ କରିପାରିବା ନାହିଁ। ଏଥିପାଇଁ ତୃଣମୂଳସ୍ତରରେ ସଚେତନତାର ଆବଶ୍ୟକତା ରହିଛି।

**–ଡ. ଶର୍ମିଷ୍ଠା ପ୍ରିୟଦର୍ଶିନୀ, ମାନସିକ ରୋଗ ବିଶେଷଜ୍ଞ**



"ମୁଁ ଜଣେ ଅଧ୍ୟାପିକା ଭାବେ ଲକ୍ଷ୍ୟ କରୁଛି, ଯୁକ୍ତ ୨ ପଢିଥିବା ଛାତ୍ରୀ ବିବାହ କରି ଦେଉଛନ୍ତି। ଏହା ଦ୍ୱାରା ଆର୍ଥିକ ଓ ମାନସିକ ଭାବେ ସେମାନେ ଦୁର୍ବଳ ହୋଇ ପଡୁଛନ୍ତି। ଏଥିପାଇଁ ମୁଖ୍ୟତଃ ମାତାପିତା ଦାୟୀ।

**–ରାଜବାଳା ତ୍ରିପାଠୀ, ଅଧ୍ୟାପିକା**



"ବାଲ୍ୟବିବାହକୁ ଆମେ ଦୃଢ ବିରୋଧ କରୁଛୁ। ପ୍ରଶାସନ ମଧ୍ୟ ଏହାକୁ ରୋକିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛି। ଯେଉଁଠି ବାଲ୍ୟବିବାହ ହେଉଛି ଯିଏ ଖବର ଦେବ ତାଙ୍କୁ ୫୦୦୦ ଟଙ୍କାର ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛନ୍ତି। ତଥାପି ଆମ ସମାଜ ଓ ପରିବାରରେ ଏହା ପ୍ରତି ସଂସ୍କାର ଆସିବା ଦରକାର।

**– ରାଜା ସୁରେଶ, ହେତୁବାଦୀ**

# ବିଦ୍ୟାଳୟ ସ୍ଥାନାନ୍ତର ନେଇ ଅସନ୍ତୋଷ

ବ୍ରହ୍ମପୁର ଅଫିସ, ୧୦।୧୨

ବୁଗୁଡ଼ା ବ୍ଲକ ବାଲିପଦର ପଞ୍ଚାୟତର ସଦାଶିବପୁର ଗ୍ରାମରେ ଥିବା ସଦାଶିବପୁର ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଦ୍ୱାରା ବହୁ ଛାତ୍ରୀଛାତ୍ର ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଗୁରୁବାର ସଦାଶିବପୁର ଗ୍ରାମ ପରିଚାଳନା କମିଟି, ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ଲିଖିତ ଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନଙ୍କୁ ଭେଟି ଅଭିଯୋଗ କରିବା ସହ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଚଳିତ ଶିକ୍ଷାବର୍ଷ ୨୦୨୦-୨୧ ବର୍ଷରେ ସଦାଶିବପୁର ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ତତ୍କାଳୀନ ବିଇଓ ରସାନନ୍ଦ କର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବାରଣ କରିଥିଲେ। ଫଳରେ ଏଯାବତ୍ ୨୫ ଛାତ୍ରୀଛାତ୍ର ନାମଲେଖାରୁ ବଞ୍ଚିତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଥିସହ ପୂର୍ବରୁ ବିଦ୍ୟାଳୟରେ ଥିବା ୧୩ ଛାତ୍ରୀଛାତ୍ରଙ୍କୁ ଟିସି ଦେଇ ଦଶିପୁର ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ବିଇଓ ନିର୍ଦ୍ଦେଶ ଦେଇଥିବା ପରିଚାଳନା କମିଟି ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି।



ଜିଲା ଶିକ୍ଷାଧିକାରୀଙ୍କୁ ସଦାଶିବପୁର ଗ୍ରାମବାସୀ ଓ ଅଭିଭାବକ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ତତ୍‌ସହିତ ସଦାଶିବପୁରରୁ ଦଶିପୁରକୁ ମାଟି ରାସ୍ତା ହୋଇଥିବା ବେଳେ ପାର୍ଶ୍ୱରେ ଦୁଇଟି ବିଦ୍ୟୁତ୍ ସବ୍‌ଷ୍ଟେଶନ୍ ଓ ଦଶିପୁର ଗ୍ରାମଟି ଅନ୍ୟ ପଞ୍ଚାୟତରେ ରହିଛି। ଯଦ୍ୱାରା ଛାତ୍ରୀଛାତ୍ର ସେହି ରାସ୍ତା ଦେଇ ଯିବା ବିପଦପୂର୍ଣ୍ଣ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ସଦାଶିବପୁର ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ପାଇଁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ଡିସେମ୍ବର ୧୧, ୨୦୨୦



## ଧାନ ଗଦା ଜଳିଗଲା

ବୁଗୁଡ଼ା/ଦିଗପହଣ୍ଡି/ଧରାକୋଟ,(ଡି.ଏନ୍.ଏ.)- ବୁଗୁଡ଼ା ଥାନା କରସିଂ ପଞ୍ଚାୟତ ଉଦୟପୁର ଗ୍ରାମରେ ସନ୍ଧ୍ୟା ପ୍ରାୟ ୭ଟାରେ ଅଗ୍ନିକାଣ୍ଡ ଘଟି ପନ୍ଦର ଭରଣର ଧାନଗଦା ଦଳିଯାଇଛି। ବୁଗୁଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ଧାନଗଦା ପୋଡି ପାଉଁଶ ହୋଇଯାଇଥିଲା। ଗ୍ରାମର ବିଦେଶୀ ନାୟକ ଧାନ ଅମଳ କରି ଅନ୍ଧାରି ନାଳ ନିକଟରେ ଗଦା କରିଥିବାବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସେହିପରି ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ଗ୍ରାମରେ ଗୁରୁବାର ମଧାହ୍ନ ପ୍ରାୟ ୧୨ ଟାରେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ବେହେରାଙ୍କ ପ୍ରାୟ ୨ ଏକର ଜମିର ଧାନଗଦା ଜଳି ଯାଇଛି। ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ଧାନ ଜଳି ଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ନିରଞ୍ଜନ କହିଛନ୍ତି। ଧରାକୋଟ ବ୍ଲକ ଓଲନ୍ଧା ଗ୍ରାମର ଯୁଗଳ ପାଣିଗ୍ରାହୀ ଓ ରମେଶ ଚନ୍ଦ୍ର ସାହୁଙ୍କ ୫ ଏକର ଜମିର ଧାନ ଫସଲ ବୁଧବାର ବିଳମ୍ବିତ ରାତିରେ ପୋଡ଼ି ପାଉଁଶ ହୋଇଯାଇଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଧରାକୋଟ,୧୦।୧୨(ଡି.ଏନ.ଏ.)- ପାଟପୁରରୁ ସୋରଡ଼ା ଅଭିମୁଖେ ଆସୁଥିବା ଏକ ବାଇକ୍ (ନଂ.ଓଡି୩୨ଡି-୪୭୭୯) ଧରାକୋଟ ନିକଟସ୍ଥ ଭଣ୍ଡାରୀବସାଠାରେ ରାସ୍ତାକଡ଼ରେ ଜାନିବିଲି-ବ୍ରହ୍ମପୁର ପାନୀୟଜଳ ପ୍ରକଳ୍ପ ପାଇଁ ଖୋଳାଯାଇଥିବା ଗାତରେ ବୁଧବାର ବିଳମ୍ବିତ ରାତିରେ ଖସିପଡିଥିଲା। ଗାତ ଭିତରେ ଥିବା ପାଇପ୍‌ରେ ପିଟିହୋଇ ବାଇକ ପଛରେ ବସିଥିବା ସୋରଡ଼ାର ସୂର୍ଯ୍ୟକାନ୍ତ ସାହିର ଦେବାଶିଷ ପାତ୍ର (୨୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୌଭାଗ୍ୟବଶତଃ ବାଇକ ଚାଳକ ନୀଳାଞ୍ଚଳ ସାହୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଧରାକୋଟ ଥାନା ଏସ୍‌ଆଇ ବିନୟ କୁମାର ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ନଂ. ୧୮୬/୨୦ରେ ମାମଲା ରୁଜୁକରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗଜପତିରେ ସୁଧୁରୁଛି କରୋନା ସ୍ଥିତି

ପାରଳାଖେମୁଣ୍ଡି,୧୦।୧୨(ଡି.ଏନ୍.ଏ.)- ଗଜପତିରେ କରୋନା ସ୍ଥିତି ସୁଧୁରୁଛି। ଚଳିତ ମାସ ୧ରୁ ୬ ତାରିଖ ମଧରେ ଜଣେହେଲେ ପଜିଟିଭ ଚିହ୍ନଟ ହୋଇନଥିବାବେଳେ ୭ ତାରିଖ ଦିନ ଜଣେ ୯ ତାରିଖରେ ଆଉ ୨ଜଣ ଚିହ୍ନଟ ହୋଇଛନ୍ତି। ୧୦ଦିନ ମଧରେ ମାତ୍ର ୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ୩ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ପଜିଟିଭ ସଂଖ୍ୟା ୩,୯୪୭ରେ ପହଞ୍ଚିଛି। ପ୍ରଶାସନ ପକ୍ଷରୁ ସଚେତନତା ଜାରି ରହିଥିବାବେଳେ ପ୍ରତ୍ୟେକ ଦିନ ସାସ୍ଥ୍ୟ ଟିମ୍ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି।

### ଧାନ କଳେଇ ଜଳିଗଲା

ଚିକିଟି,୧୦।୧୨(ଡି.ଏନ.ଏ.)- ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ପାରସମ୍ବା ଗ୍ରାମର ଏକ କଳେଇ ଗଦାରେ ଅଗ୍ନିକାଣ୍ଡ ଘଟି ୧ ଏକର ଜମିର ଧାନ କଳେଇ ଜଳିଯାଇଛି। ପୂର୍ବାହ୍ନ ୧୧ଟାରେ ମାଣବସା ଗୁରୁବାର ପାଇଁ ପୂଜାର୍ଚ୍ଚନା ଚାଲିଥିବା ବେଳେ ମନୁ ବେହେରାଙ୍କ ଖଳାରେ ଅଗ୍ନିକାଣ୍ଡ ଘଟିଥିଲା। ଚିକିଟି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ୨୬.୯୪୦ ହେକ୍ଟର ଗଞ୍ଜେଇ ଚାଷ ନଷ୍ଟ

ଆର.ଉଦୟଗିରି,୧୦।୧୨(ଡି.ଏନ.ଏ.)- ଆର.ଉଦୟଗିରି ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଅଡବା ଥାନାର ଅନୁଗୁରୁ ପଞ୍ଚାୟତ ଲଟିଙ୍ଗି ଗ୍ରାମର ୬୭.୩୫ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ବେଆଇନ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିଛି। ନଷ୍ଟ ଗଞ୍ଜେଇର ମୂଲ୍ୟ ୧୩ କୋଟି ୪୭ ଲକ୍ଷ ହେବ ବୋଲି ଆର୍.ଉଦୟଗିରି ପାରଳାଖେମୁଣ୍ଡି ଡିଏସ୍‌ପି ଅନିଲ କୁମାର ପ୍ରଧାନ କହିଛନ୍ତି। ଗତ ୩ ସପ୍ତାହ ଧରି ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲାର ମୋହନା, ଆର.ଉଦୟଗିରି ଏବଂ ଅଡବା ଥାନା ଅଞ୍ଚଳରେ ଅପରେଶନ ଗ୍ରୀନହଣ୍ଟ ମାଧମରେ ଏହି ଗଞ୍ଜେଇ ଚାଷ ନଷ୍ଟ ଅଭିଯାନ ଚାଲୁରହିଛି।

### ଜେଲ୍ ପ୍ରତିଷ୍ଠା ଦିବସ

ଆସିକା,୧୦।୧୨(ଡି.ଏନ୍.ଏ.)- ଆସିକା ସବ୍‌ଜେଲ ପରିସରରେ ଗୁରୁବାର ଜେଲ ପ୍ରତିଷ୍ଠା ଦିବସ ତଥା ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଜେଲ ଅଧୀକ୍ଷକ ଦିଲୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଅଧୀକ୍ଷକ ତ୍ରିଲୋଚନ ମହାପାତ୍ର ଓ ଜେଲ ଅନ୍ତେବାସୀ ଯୋଗଦେଇଥିଲେ। ପ୍ରତିଷ୍ଠା ଦିବସ ନିମନ୍ତେ ଜେଲ ଅନ୍ତେବାସୀଙ୍କ ମଧରେ ହୋଇଥିବା କ୍ୟାରମ, ଚେସ, ଲୁଡୁ, ଭଲିବଲ ଆଦି ପ୍ରତିଯୋଗିତାର କୃତୀମାନଙ୍କୁ ଏହି ଅବସରରେ ସିଲ୍ଡ, କପ ଓ ମାନପତ୍ର ଦିଆଯାଇଥିଲା। ଅନ୍ତେବାସୀମାନେ ଜେଲ ଶୃଙ୍ଖଳା ପ୍ରତି ସଚେତନ ରହିବା ଲାଗି ପରାମର୍ଶ ଦିଆଯାଇଥିଲା।

### ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ଆସିକା,୧୦।୧୨(ଡି.ଏନ.ଏ.)- ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତିଶକ୍ତି ଭବନଠାରେ ଗୁରୁବାର ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଥିଲା। ଶାନ୍ତିଶକ୍ତି ଭବନର ସଞ୍ଚାଳିକା ବ୍ରହ୍ମକୁମାରୀ ପ୍ରଭାତୀ ଏହି କାର୍ଯ୍ୟକ୍ରମରେ ଆତ୍ମଚେତନା ସମସ୍ତ ମନୁଷ୍ୟ ଆତ୍ମାଙ୍କୁ ହଜାଇଥିବା ଅଧିକାର ପ୍ରଦାନ କରିପାରିବ ବୋଲି ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ସୁଧାଂଶୁ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଯୁବନେତା ନଚିକେତା ସ୍ୱାଇଁ ଯୋଗଦେଇ ଜନସାଧାରଣ ନିଜର ଅଧିକାର ବିଷୟରେ ଜାଗ୍ରତ ହୋଇପାରିଲେ ଏହି ଦିବସ ପାଳନର ପ୍ରକୃତ ଲକ୍ଷ୍ୟ ସାଧିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ବ୍ରହ୍ମକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉପଡାକଘରେ କର୍ମଚାରୀ ଅଭାବ

- ନୂତନ କୋଠା ଲୋକାର୍ପଣ ଆଜି
- ଏଟିମ୍ କାଉଣ୍ଟର ପ୍ରତିଷ୍ଠା ଦାବି

ଦାରିଙ୍ଗବାଡ଼ି,୧୦।୧୨(ଡି.ଏନ୍.ଏ.)



ଉପଡାକଘର ଲୋକାର୍ପଣ ପାଇଁ ପ୍ରସ୍ତୁତି ଚାଲିଛି।

ଦାରିଙ୍ଗବାଡ଼ିଠାରେ ଥିବା ଉପଡାକଘର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଇଣ୍ଟରନେଟ ସମସ୍ୟାଠାରୁ ଆରମ୍ଭ କରି କର୍ମଚାରୀ ଅଭାବ ଯୋଗୁ ଅନେକ ସମୟରେ ଗ୍ରାହକଙ୍କୁ ସେବା ଯୋଗାଇବାରେ ସମସ୍ୟା ଦେଖାଯାଉଛି। ସେହିପରି ନିଜସ୍ୱ ଗୃହ ନ ଥିବାରୁ ଦୀର୍ଘବର୍ଷ ହେଲା ଭଡ଼ାଘରେ ଉପଡାକଘର ଚାଲିଥିଲା। ସଙ୍କୁଚିତ କୋଠା ଭିତରେ ଗ୍ରାହକମାନେ ହଇରାଣ ହେଉଥିଲେ। ଏବେ ନିଜସ୍ୱ କୋଠା ନିର୍ମାଣ ସରିଛି, ଶୁକ୍ରବାର ଲୋକାର୍ପଣ ହେବ। ମାତ୍ର ଏବେ ମଧ୍ୟ କର୍ମଚାରୀ ଅଭାବ ଲାଗିରହିଛି। ଜଣେ ପୋଷ୍ଟମାଷ୍ଟର ଥିବାବେଳେ ତାଙ୍କୁ ସହଯୋଗ କରିବାକୁ ୨ଜଣ ପିଏ (ପୋଷ୍ଟାଲ ଆସିଷ୍ଟାଣ୍ଟ)ର ଆବଶ୍ୟକ ରହିଛି। ସ୍ଥାୟୀ ପୋଷ୍ଟମ୍ୟାନ୍ ନ ଥିବାରୁ ଲୋକଙ୍କ ନିକଟରେ ଠିକ୍ ସମୟରେ ଚିଠି ପହଞ୍ଚିବାରେ ସମସ୍ୟା ହେଉଛି। ତେଣୁ ୨ ଜଣ ପୋଷ୍ଟ ମ୍ୟାନ ସମେତ ରାତ୍ରି ଜଗୁଆଳି ଏବଂ ବଗିଚା ସହ ବିଭିନ୍ନ କାର୍ଯ୍ୟ କରିବା ପାଇଁ କର୍ମଚାରୀର ଆବଶ୍ୟକ। ସେହିପରି ବିଭାଗର ନିଜସ୍ୱ ଜମି ରହିଛି, ଦୀର୍ଘଦିନ ପରେ କାର୍ଯ୍ୟାଳୟ କୋଠା କରାଯାଇଥିଲେ ସୁଦ୍ଧା କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରାଯାଇନାହିଁ। ଦାରିଙ୍ଗବାଡ଼ି ଅଞ୍ଚଳରେ ଡାକଘର ଉପରେ ନିର୍ଭର କରୁଥିବା ଗ୍ରାହକଙ୍କ ସମେତ ପର୍ଯ୍ୟଟକ ଏଟିଏମ୍ କାଉଣ୍ଟର ନ ଥିବାରୁ ଅନ୍ୟ ବ୍ୟାଙ୍କ ଉପରେ ନିର୍ଭର କରୁଛନ୍ତି। ଏଠାରେ ଏଟିଏମ୍ କରାଗଲେ ବହୁ ଲୋକ ଉପକୃତ ହୋଇପାରିବେ ବୋଲି ସିଆଙ୍ଗବାଲି ଅଞ୍ଚଳର ପିଙ୍କୁ ପ୍ରଧାନ, ପ୍ଲିହେରିର ମହେଶ୍ୱର ପ୍ରଧାନ ପ୍ରମୁଖ କହିଛନ୍ତି।

ଏନେଇ ଦାରିଙ୍ଗବାଡ଼ି ପୋଷ୍ଟ ମାଷ୍ଟର ବିଦ୍ୟାସାଗର ପ୍ରଧାନ କହିଛନ୍ତି, ପୂର୍ବରୁ ଯେଉଁଭଳି ସମସ୍ୟା ଥିଲା ତାହା ଧୀରେଧୀରେ ସମାଧାନ ହୋଇଛି। ନୂତନ କୋଠାକୁ କାର୍ଯ୍ୟାଳୟ ଘୁଞ୍ଚିବା ପରେ ଗ୍ରାହକଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ଚେଷ୍ଟା କରିବୁ। ଏଟିଏମ ଏବଂ କର୍ମଚାରୀ ଅଭାବ ସମ୍ପର୍କରେ ସେ କହିଛନ୍ତି, ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବୁ।

ସୂଚନାଯୋଗ୍ୟ ଯେ, ଶୁକ୍ରବାର କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ, ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ଡାକସେବା ବୋର୍ଡର ସଦସ୍ୟ ଡ. ସନ୍ତୋଷ କୁମାର କମିଳା, ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ କଲୋନେଲ ଜଲେଶ୍ୱର କହଁର ପ୍ରମୁଖ ଯୋଗଦେଇ ନୂତନ ଡାକଘର କୋଠା ଲୋକାର୍ପିତ କରିବା କାର୍ଯ୍ୟକ୍ରମ ରହିଛି।

# ସାର୍ଦ୍ଦୁଳ ଜଙ୍ଗଲରେ ବାଘ ଆତଙ୍କ

## ଗାଈ ମାରିଥିବା ଅଭିଯୋଗ କଲେ ଗ୍ରାମବାସୀ

ବାଲିଗୁଡା,୧୦।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ ବନାଞ୍ଚଳ ସାର୍ଦ୍ଦୁଳ ସଂରକ୍ଷିତ ଜଙ୍ଗଲରେ ବାଘ ଆତଙ୍କ ଦେଖାଦେଇଛି। ସାର୍ଦ୍ଦୁଳ ଗ୍ରାମର ସରୋଜ ସାନସେଟଙ୍କ ଗାଈର କ୍ଷତାକ୍ତ ମୃତଦେହ ବୁଧବାର ସନ୍ଧ୍ୟାରେ ମିଳିବା ପରେ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି। ଗାଈକୁ ବାଘ ମାରି ଖାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଏହାସହ ସେଠାରେ ବାଘର ପାଦଚିହ୍ନ ମଧ ଦେଖିବାକୁ ମିଳିଛି ବୋଲି କହିଛନ୍ତି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। କାରଣ ସାର୍ଦ୍ଦୁଳ ଗ୍ରାମ ଜଙ୍ଗଲ ଓ ପାହାଡ ଘେରା ଉପାନ୍ତ ଇଲାକା। ଏହି ଘଟଣାପରେ ଗ୍ରାମବାସୀ ବଜାର କରିବାକୁ କୋଟଗଡ ଆସିବାକୁ ଭୟ କରୁଛନ୍ତି।

ସେହିପରି ଗାଈକୁ ବାଘ ମାରିଥିବା ଅଭିଯୋଗ ଆଣି ସରୋଜ ବନାଞ୍ଚଳ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ବନାଞ୍ଚଳ ଅଧିକାରୀ ଦାୟିତ୍ୱରେ ଥିବା ପ୍ରସନ୍ନ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ତେବେ ଅନୁଧ୍ୟାନ ପରେ ହିଁ ପାଦଚିହ୍ନ ବାଘର ନା ଅନ୍ୟ କୌଣସି ବନ୍ୟଜନ୍ତୁର ସ୍ପଷ୍ଟହେବ ବୋଲି ସେ କହିଛନ୍ତି।

# ମଦ ଦୋକାନ ନ ଖୋଲିବାକୁ ଦାବିପତ୍ର

ପାତ୍ରପୁର,୧୦।୧୨(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବି.ନୂଆଗାଁ ଗ୍ରାମରେ ଖୋଲିବାକୁ ଥିବା ବିଦେଶୀ ମଦ ଦୋକାନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗାଁରେ ବୈଠକ କିମ୍ବା ଗ୍ରାମସଭା ନ କରି ମଦ ଦୋକାନ ଖୋଲିବାକୁ ପ୍ରଶାସନ କିପରି ଅନୁମତି ଦେଇଛି ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଆନ୍ଧ୍ର ସୀମାକୁ ଲାଗିଥିବା ଏହି ଗ୍ରାମରେ ବିଦେଶୀ ମଦ ଦୋକାନ ଖୋଲିଲେ ଆନ୍ଧ୍ରର ଲୋକେ ମଦ ପିଇବାକୁ ଆସି ବିଶୃଙ୍ଖଳା ସୃଷ୍ଟି କରିବେ। ଅନ୍ୟପକ୍ଷରେ ଯେଉଁ ସ୍ଥାନରେ ଦୋକାନ ଖୋଲିବାକୁ ସ୍ଥାନ ଚିହ୍ନଟ ହୋଇଛି, ସେହି ନିକଟରେ ପାନୀୟ ଜଳ ପ୍ରକଳ୍ପ ଓ ପ୍ରାଥମିକ ବିଦ୍ୟାଳୟ ରହିଛି। ତେଣୁ ଗ୍ରାମରେ ମଦ ଦୋକାନ ନ ଖୋଲିବା ପାଇଁ ଗଙ୍ଗାଧର ସାହୁ, ତପନ ପାଢ଼ୀ, ଲିଙ୍ଗରାଜ ପଣ୍ଡା, ଜିନୋକା ରେଡ୍ଡୀ, ଦେବରାଜ ସାହୁ, ହରି ବେହେରା ପ୍ରମୁଖଙ୍କ ସହ ଶତାଧିକ ଲୋକଙ୍କ ସ୍ୱାକ୍ଷର ଥାଇ ଏକ ଦାବିପତ୍ର ଜିଲା ଅବକାରୀ ବିଭାଗ, ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଦାରିଙ୍ଗବାଡିରେ ଖୋଲିଲା ସମସ୍ତ ପାର୍କ

ଦାରିଙ୍ଗବାଡି,୧୦।୧୨(ଡି.ଏନ୍.ଏ.)



ନେଚର ପାର୍କ।

ଦୀର୍ଘ ୧୦ମାସ ପରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକରେ ଥିବା ସମସ୍ତ ପାର୍କ ଖୋଲିବାକୁ ଜିଲାପାଳ ଡ. ବୃନ୍ଦା ଡି ନିର୍ଦ୍ଦେଶ ଦେଇଛନ୍ତି। କରୋନା କଟକଣା ଯୋଗୁ ମାର୍ଚ୍ଚରୁ ଜିଲାର ସମସ୍ତ ପାର୍କକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ କରାଯାଇଥିଲା। ଗୁରୁବାର ଏସବୁ ଖୋଲିଥିଲେ ମଧ ଲୋକଙ୍କ ଭିଡ ଦେଖିବାକୁ ମିଳି ନ ଥିଲା।

ଦାରିଙ୍ଗବାଡିକୁ ଦୈନିକ ଶହଶହ ପର୍ଯ୍ୟଟକ ଆସୁଥିବା ବେଳେ ହିଲ୍‌ଭିୟୁ, କଫି ବଗିଚା, ନେଚର ପାର୍କ ବନ୍ଦ ଯୋଗୁ ନିରାଶ ହେଉଥିଲେ। ଏବେ ଏହା ଖୋଲିବା ପରେ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବଢିବ ବୋଲି ଆଶା କରାଯାଇଛି। ସେପଟେ ସମସ୍ତ ପାର୍କରେ ହାତ ଧୋଇବା ବ୍ୟବସ୍ଥା ସହ ସାନିଟାଇଜର ଏବଂ ମାସ୍କ ବ୍ୟବହାର କରି ସାମାଜିକ ଦୂରତା ରକ୍ଷାକରି ପାର୍କ ଭିତରେ ବୁଲିବାକୁ ଜିଲା ପ୍ରଶାସନ ପରାମର୍ଶ ଦେଇଛି। ସେହିପରି ଦାରିଙ୍ଗବାଡି ଜଙ୍ଗଲ ଓ ପରିବେଶ ବିଭାଗର ନେଚର ପାର୍କରେ ଟିକେଟ ଦର ପୂର୍ବରୁ ୧୦ଟଙ୍କା ରହିଥିବା ବେଳେ ଏବେ ତାକୁ ବୃଦ୍ଧି କରି ଜଣଙ୍କ ପିଛା ୨୦ ଟଙ୍କା କରାଯାଇଥିବା ବାଲିଗୁଡା ଡିଏଫ୍‌ଓ ବିଶ୍ୱନାଥନ୍ ନୀଳନଭର ସୂଚନା ଦେଇଛନ୍ତି। ପାର୍କ ଭିତରେ ଏମୁ ପକ୍ଷୀ ସହ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ମଧ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ବଚସାରୁ ବାଇକ୍ ପୋଡ଼ି

ଭଞ୍ଜନଗର,୧୦।୧୨(ଡି.ଏନ.ଏ.)

ଭଞ୍ଜନଗର ଥାନା ଅନ୍ତର୍ଗତ ସାନକୋଦଣ୍ଡା ଗ୍ରାମରେ ବୁଧବାର ରାତିରେ ୨ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ଜଣଙ୍କ ବାଇକ୍ ଜାଳି ଦିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ସାନକୋଦଣ୍ଡାର ରାଜେଶ ବେହେରା ଗ୍ରାମ ଛକରେ ଥିବା ନିଜ ଅଫିସରେ ଶୋଇଥିଲେ। ରାତି ପ୍ରାୟ ୧୦ଟାରେ ଉକ୍ତ ଗ୍ରାମର ଜଣେ ଯୁବକ ଆସି ରାଜେଶଙ୍କୁ ଡାକିବାରୁ ସେ କବାଟ ଖୋଲିଥିଲେ। କୌଣସି ଏକ କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ସମ୍ପୃକ୍ତ ଯୁବକ ଜଣକ ଛୁରି ଦେଖାଇ ଧମକ ଦେବାରୁ ରାଜେଶ ଦୌଡ଼ି ପଳାଇଥିଲେ। ପରେ ଯୁବକ ଜଣକ ରାଜେଶଙ୍କ ବାଇକ୍ ଜାଳି ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲଇଥିବା ଥାନାଧିକାରୀ ସୁଦିପ୍ତ ସାହ କହିଛନ୍ତି।

# ଲାୟନ୍ସ କ୍ଲବର କୋଭିଡ୍ ସହାୟତା

କବିସୂର୍ଯ୍ୟନଗର,୧୦।୧୨(ଡି.ଏନ୍.ଏ.)

ସ୍ଥାନୀୟ ଗୋପବନ୍ଧୁ ଶିକ୍ଷ ତାଲିମ କେନ୍ଦ୍ରଠାରେ ଆନ୍ତର୍ଜାତିକ ଲାୟନ୍ସ କ୍ଲବ ପକ୍ଷରୁ କବିସୂର୍ଯ୍ୟନଗର ଲାଏନ୍ସ କ୍ଲବ ସହାୟତାରେ ଅଞ୍ଚଳର ଅସହାୟ, ଗରିବଙ୍କୁ ସହାୟତା ପ୍ରଦାନ କରାଯାଇଛି। ଲାଏନ୍ସ ଡିଷ୍ଟ୍ରିଟ-୩୨୨ସି-୪ କ୍ୟାବିନେଟ ସେକ୍ରେଟାରି ଆର୍. କେ. ମହାପାତ୍ର, ଜିଲା କୋଷାଧକ୍ଷ ସରସ୍ୱତୀ ପାତ୍ରଙ୍କ ସମେତ ମୁଖ୍ୟ ଅତିଥି ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସାମାଜିକକର୍ମୀ ଇ. ମାହେଶ୍ୱରୀ ଦୋରା, ଡା. ରାଜେନ୍ଦ୍ର ପ୍ରସାଦ ମାଝି, ସୁକୁମାର ମାଝି, କେ. ପୁରୁଷୋତ୍ତମ ପ୍ରମୁଖ ଯୋଗଦେଇ ସହାୟତା ବଣ୍ଟନ କରିଥିଲେ। ୭୧ ଜଣକୁ ଚାଉଳ, ଡାଲି, ବୁଟ, ସାବୁନ, ବିସ୍କୁଟ ଆଦି ଦିଆଯାଇଥିଲା। କାର୍ଯ୍ୟକ୍ରମକୁ କବିସୂର୍ଯ୍ୟନଗର ଲାଏନ୍ସ କ୍ଲବ ସଭାପତି ତଥା ଆଇଟିସି ପ୍ରିନ୍ସିପାଲ ଦିଲୀପ କୁମାର ଖଣ୍ଡୁଆଳ ସଂଯୋଜନା କରିଥିଲେ।

# ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ଭଞ୍ଜନଗର,୧୦।୧୨(ଡି.ଏନ.ଏ)

ଭଞ୍ଜନଗର ସହର ବ୍ୟାଘ୍ରଦେବୀ ରୋଡ୍ ନୀଳାଦ୍ରି ବିହାରରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାମୁଣ୍ଡିର ଟୁନା ସ୍ୱାଇଁ (୪୦)। ଟୁନା ନୀଳାଦ୍ରି ବିହାରରେ ଏକ ଛାତ କାମରେ ନିୟୋଜିତ ଥିବା ବେଳେ ଛାତ ନିକଟ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଭଞ୍ଜନଗର ହସ୍ପିଟାଲକୁ ଅଣାଯାଇଥିଲା । ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିବାରୁ ବ୍ରହ୍ମପୁର ବଡ଼ ବଡ଼ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏ ନେଇ ଭଞ୍ଜନଗର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଘରର ମୁରବୀ ଭାବେ ରୋଜଗାର କରୁଥିଲେ।

# ହାତୀଓଟ ପଞ୍ଚାୟତରେ ନିଯୁକ୍ତି ମେଳା

ପୋଲସରା,୧୦।୧୨(ଡି.ଏନ.ଏ.)

ପୋଲସରା ବ୍ଲକ ହାତୀଓଟ ଉଚ୍ଚ ବିଦ୍ୟାଳୟ ପରିସରରେ ଦୀନଦୟାଲ ଉପାଧ୍ୟାୟ କୌଶଳ ବିକାଶ ଯୋଜନାରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଶମ୍ଭୁନାଥ ନନ୍ଦୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଯୁକ୍ତି ମେଳାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ନିଯୁକ୍ତି ମେଳାରେ ୪ଗୋଟି ପଞ୍ଚାୟତ ହାତୀଓଟ, ରୁମାଗଡ଼, ବାଲିଛାଇ ଓ ଘୋଡାପଲାଣ ପ୍ରମୁଖ ପଞ୍ଚାୟତର ଯୁବତୀ ଯୁବକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ବିଡିଓ ଧର୍ମରାଜ ପରିଡା, ସିଡିପିଓ କୁନ୍ତଳା ନାୟକ, ବ୍ଲକ ଅଧକ୍ଷ, ଲାଇଭ୍‌ଲିହୁଡ଼ ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସଞ୍ଜୁ ସାହୁଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡି କର୍ମୀଙ୍କ ସମେତ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଶାସନ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ପୋଲସରା,୧୦।୧୨(ଡି.ଏନ.ଏ.)

ପୋଲସରା ବ୍ଲକ ଚିରିକିପଡା ଶାସନ ଗ୍ରାମଠାରେ ଗୁରୁବାର ଶାସନ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଲିଗ୍ ମ୍ୟାଚରେ ପ୍ରାୟ ୮ଦଳ ଭାଗ ନେଉଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।




ମଞ୍ଚାସୀନ ଅତିଥିବୃନ୍ଦ।

# ଏନ୍‌ସିସି ପ୍ରତି ଆଗ୍ରହ ବଢୁଛି

ଭଞ୍ଜନଗର,୧୦।୧୨(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଥିବା ଏନ୍‌ସିସି ଆର୍ମି ୱିଙ୍ଗ୍‌ରେ ୯୦ ସିଟ୍ ମଧ୍ୟରୁ ଖାଲିଥିବା ୨୫ ସିଟ୍ ପାଇଁ ଗୁରୁବାର ଲିଖିତ ପରୀକ୍ଷା ହୋଇଥିଲା। ଖାଲିଥିବା ଉକ୍ତ ସିଟ୍‌ରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ର ନାମ ଲେଖାଇବେ। ଶତାଧିକ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପରେ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଅପରାହ୍ନରେ ଚୟନ ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ପ୍ରକାଶିତ ହୋଇଛି । କଲେଜ ଅଧକ୍ଷ ଡ.ନୀଳାଞ୍ଚଳ ମୁନିଙ୍କ ସହଯୋଗ ଏବଂ ଏନସିସି ଆର୍ମି ୱିଙ୍ଗ ବ୍ରହ୍ମପୁର ଜୋନ୍ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏନସିସି ଅଫିସର ଅଧାପକ ଲେଫ୍ଟେନାଣ୍ଟ ରଜନୀକାନ୍ତ ତ୍ରିପାଠୀ ପରୀକ୍ଷା ପରିଚାଳନା କରିଥିଲେ। କୋଭିଡ୍ ନିୟମ ମାନି ପରୀକ୍ଷା କରାଯାଇଥିଲା ।



ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଉଛନ୍ତି ।

# ୩ ଜିଲାର ସହରାଞ୍ଚଳ ଉନ୍ନୟନ ସମୀକ୍ଷା

## ଉତ୍ତମ କାର୍ଯ୍ୟ ଯୋଗୁ କାର୍ଯ୍ୟନିର୍ବାହୀ ଅଧିକାରୀଗଣ ପଦୋନ୍ନତି ପାଇବେ

ଛତ୍ରପୁର,୧୦।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥାନନ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ସହରୀ ବିକାଶ ଯୋଜନା ସମ୍ପର୍କିତ ସମୀକ୍ଷା କରିଥିଲେ। ବୈଠକ ପ୍ରାରମ୍ଭରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମସ୍ତଙ୍କୁ ସ୍ୱାଗତ ଜଣାଇ ସହରୀବିକାଶ ଯୋଜନାର ସଫଳ ରୂପାୟନ ନେଇ ସମସ୍ତଙ୍କ ଠାରୁ ଆଶା ପୋଷଣ କରିଥିଲେ। ପ୍ରମୁଖ ସଚିବ ଜି. ମାଥିଭାଥାନନ ଜଣାଇଥିଲେ ଯେ, ଭାରତ ବର୍ଷର ଛତିଶଗଡ ଏବଂ ମହାରାଷ୍ଟ୍ର ଭଳି ସହରକୁ ପଛରେ ପକାଇ ଓଡିଶା ସହରୀ ବିକାଶ ଯୋଜନାରେ ଉନ୍ନତମାନର କାର୍ଯ୍ୟ କରିଥିବା ହେତୁ ପ୍ରଥମ ରାଜ୍ୟ ଭାବେ ସମ୍ମାନୀତ ହୋଇଛି। ଏହି ଗର୍ବ ଓ ଗୌରବ ସମସ୍ତ କର୍ମକର୍ତ୍ତା ମାନଙ୍କ ସାମୁହିକ ପ୍ରୟାସ ଦ୍ୱାରାହିଁ ହୋଇପାରିଛି। ସ୍ୱଚ୍ଛ ଓଡିଶା, ସୁସ୍ଥ ଓଡିଶା ଯୋଜନାରେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟର ସୁପରିଚାଳନା ହୋଇପାରିଲେ ଆଗାମୀ ବର୍ଷରେ ଓଡିଶା ବିଶ୍ୱ ଦରବାରରେ ସୁନାମ ଅର୍ଜନ କରିପାରିବ।

ଦୀର୍ଘ ୧୯ ବର୍ଷର ପରେ ସେ ଜିଲାର ହିଞ୍ଜିଳିକାଟୁ ପରିଦର୍ଶନ କରିବାକୁ ଯାଇଥିଲେ। ସହରର ରୂପରେଖ ଅଭୁତପୂର୍ବ ରୂପେ ବଦଳିଯାଇଥିବା ହେତୁ ସେ ଖୁସି ପ୍ରକାଶ କରିଥିଲେ। ଆଗାମୀ ବର୍ଷରେ ଜାତୀୟସ୍ତରରେ ସମ୍ମାନୀତ ହେଲେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଦୋନ୍ନତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କମ୍ୟୁନିଟିର ଉତ୍ତମ ମାନ ଭାଗୀଦାରି ହେଲେ ଏଭଳି କାର୍ଯ୍ୟ ସମ୍ଭବ ହୋଇପାରିବ, ଏ ଦିଗରେ ସମସ୍ତଙ୍କର ପ୍ରୟାସ ଜରୁରୀ। ସମ୍ପ୍ରତି ଆମ ସହର ଯୋଜନାରେ ପ୍ରତି ଘରକୁ ଘର ବୁଲି ବ୍ୟାଟେରୀ ଚାଳିତ ଗାଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱଚ୍ଛ ସାଥୀମାନଙ୍କ ଦ୍ୱାରା ଓ କିନ୍ନର ମାନଙ୍କ ସହାୟତାରେ ସଂଗ୍ରହ କରାଯାଇ ମାଇକ୍ରୋ କମ୍ପୋଜିଟିଭ ସେଣ୍ଟର (ଏମ.ସି.ସି) ଏବଂ ମ୍ୟାଟେରିଆଲ ରିକଭରୀ ଫ୍ୟାସିଲିଟି (ଏମ.ଆର୍.ଏଫ) ଦ୍ୱାରା ବର୍ଜ୍ୟବସ୍ତୁକୁ ଜୈବଖତ- ମୋ ଖତରେ ପରିଣତ କରାଯାଇ ଚାଷ କାର୍ଯ୍ୟରେ ବିନିଯୋଗ ନିମନ୍ତେ ବିକ୍ରି ହୋଇପାରିଛି। ବର୍ଜ୍ୟବସ୍ତୁ ପରିଚାଳନା ହେତୁ ଜୈବଖତ ମିଳିବା ସହିତ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତି କର୍ମନିଯୁକ୍ତି ହୋଇପାରୁଛି। ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ସମସ୍ତ ସହରାଞ୍ଚଳ ଗୁଡିକରେ ପାଇପ ଯୋଗେ ପାନୀୟଜଳ ବ୍ୟବସ୍ଥା ନିମନ୍ତେ ନିଆଯାଇଥିବା ପଦକ୍ଷେପର ସମୀକ୍ଷା ହୋଇଥିଲା। କୌଣସି ଗୋଟିଏ ଘର ମଧ ପାଇପ ସଂଯୋଗ ନ ହୋଇ ରହିବ ନାହିଁ ସେ ଦିଗରେ ଦୃଷ୍ଟି ଦେବାକୁ କହିଥିଲେ ଏବଂ ମାର୍ଚ୍ଚ ୩୧ ସୁଦ୍ଧା ଏହି କାର୍ଯ୍ୟ ସମାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ପୌରାଞ୍ଚଳ ପ୍ରକଳ୍ପ କାର୍ଯ୍ୟ ଦେଖିଲେ ପ୍ରମୁଖ ସଚିବ

## ୱାର୍ଡ କମିଟି ବୈଠକରେ ଯୋଗଦେଲେ

ହିଞ୍ଜିଳିକାଟୁ,୧୦।୧୨(ଡି.ଏନ୍.ଏ.)




ୱାର୍ଡ କମିଟି ବୈଠକରେ ଉପସ୍ଥିତ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ମ୍ୟୁନିସିପାଲ ନିର୍ଦ୍ଦେଶକଓ ଅନ୍ୟମାନେ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥାନନ୍ ଓ ମ୍ୟୁନିସିପାଲ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଗୁରୁବାର ହିଞ୍ଜିଳିକାଟୁ ପୌରାଞ୍ଚଳଗୁ ଗସ୍ତରେ ଆସିଥିଲେ। ସେମାନେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାରେ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ କୁମାର ମହାପାତ୍ର ପ୍ରମୁଖଙ୍କ ସହ ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ୱାର୍ଡ଼ କମିଟି ବୈଠକରେ ଯୋଗଦେଇ ଲୋକଙ୍କ ସହ ସ୍ୱଚ୍ଛ ସର୍ବେକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ। ହିଞ୍ଜିଳିକାଟୁ ସହରାଞ୍ଚଳକୁ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ ଜାତୀୟସ୍ତରରେ ଶ୍ରେଷ୍ଠ କରିବା ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବାହ୍ନରେ ପ୍ରମୁଖ ସଚିବ, ଜିଲାପାଳ ଓ ଅନ୍ୟମାନେ ହିଞ୍ଜିଳିକାଟୁ ପରିବା ବଜାରରେ ସ୍ୱଚ୍ଛତା ନିରୀକ୍ଷଣ କରିଥିଲେ। ସେଠାରୁ ହିଞ୍ଜିଳି ନେତାଜୀ କଲ୍ୟାଣ ମଣ୍ଡପରେ ଆୟୋଜିତ ମୋ ୱାର୍ଡ଼ ବୈଠକରେ ଯୋଗଦେଇ ଉପସ୍ଥିତ ୧ରୁ ୪ ନଂ. ୱାର୍ଡ଼ର ଲୋକଙ୍କ ସହ ପରିବେଶ, ଘରୁ ବାହାରୁଥିବା ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଦେଉଳବନ୍ଧର ସୌନ୍ଦର୍ଯ୍ୟକରଣ, ନୂଆଗଡ଼ଠାରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଓ ମେଟେରିଆଲ ରିକୋଭରି ଫେସିଲିଟି(ଏମଆରଏଫ) ବୁଲି ଦେଖିଥିଲେ। ପ୍ରମୁଖ ସଚିବ ଓ ମ୍ୟୁନିସିପାଲ ନିର୍ଦ୍ଦେଶକଙ୍କୁ ହିଞ୍ଜିଳିକାଟୁ ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ସାହୁ ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକାରିତା, ହିତାଧିକାରୀଙ୍କ ସହଭାଗିତା ଓ ପୌର ପରିଷଦର ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ।

